# NATIONAL NEWS BULLETIN (ODIA)
## 13 May - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ୧୪ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିକୁ ଅନୁମୋଦନ
- – ଅହମ୍ମଦାବାଦ–ଧୋଲେରା ସେମିହାଇସ୍ପିଡ୍ ଡବଲ୍ ଲାଇନ୍ ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବ ୨୦ ହଜାର ୬୬୭ କୋଟି ଟଙ୍କା
- – ନାଗପୁର ଅନ୍ତର୍ଜାତୀୟ ବିମାନ ବନ୍ଦରର ଆଧୁନିକୀକରଣକୁ ମିଳିଲା ମଞ୍ଜୁରୀ
- ନିଟ୍ ୟୁଜି-୨୦୨୬ ପ୍ରବେଶିକା ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କଲା ସି.ବି.ଆଇ
- ଆଳୁ, ପିଆଜ ସମେତ ଅନ୍ୟାନ୍ୟ ଆବଶ୍ୟକୀୟ ଉତ୍ପାଦର ଆନ୍ତଃ ରାଜ୍ୟ ପରିବହନ ଉପରୁ କଟକଣା ହଟାଇଲେ ପଶ୍ଚିମବଙ୍ଗ ସରକାର
- ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଦୁଇଦିନିଆ ବ୍ରିକ୍ସ ବୈଦେଶିକ ମନ୍ତ୍ରୀଙ୍କ ବୈଠକ

ଏବଂ

- ଆଇପିଏଲ୍ କ୍ରିକେଟରେ ବର୍ଷା ଯୋଗୁଁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ବିଳମ୍ବିତ

# କ୍ୟାବିନେଟ୍- ଏମ୍ଏସ୍ପି

ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସି.ସି.ଇ.ଏ) – ୨୦୨୬-୨୭ ବିପଣନ ଋତୁ ପାଇଁ ୧୪ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ– ଏମ୍.ଏସ୍.ପି. ବୃଦ୍ଧିକୁ ଆଜି ଅନୁମୋଦନ କରିଛନ୍ତି। ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦର ଲାଭଦାୟକ ମୂଲ୍ୟ ସୁନିଶ୍ଚିତ କରିବା ପାଇଁ ଖରିଫ ଫସଲଗୁଡ଼ିକର ଏମ୍.ଏସ୍.ପି. ବୃଦ୍ଧି କରିଛନ୍ତି।  ସେ କହିଛନ୍ତି, ଖରିଫ ଋତୁ ପାଇଁ ଚାଷୀମାନଙ୍କୁ ପ୍ରାୟ ୨ ଲକ୍ଷ ୬୦ ହଜାର କୋଟି ଟଙ୍କା ପ୍ରଦାନ କରାଯିବ ଏବଂ  ଏହି ଋତୁରେ ८୨୪ ଲକ୍ଷ ମେଟ୍ରିକ ଟନ୍ ଶସ୍ୟ ଚାଷୀମାନଙ୍କଠାରୁ କ୍ରୟ କରାଯିବ। ବର୍ଦ୍ଧିତ ଏମ୍.ଏସ୍.ପି. ବର୍ଗରେ ସୂର୍ଯ୍ୟମୁଖୀ ବିହନ କୁଇଣ୍ଟାଲ ପିଛା ସର୍ବାଧିକ ୬୨୨ ଟଙ୍କା, କପା କୁଇଣ୍ଟାଲ ପିଛା ୫୫୭ ଟଙ୍କା, ରାଶି କୁଇଣ୍ଟାଲ ପିଛା ୫୦୦ ଟଙ୍କା ବୃଦ୍ଧି ହୋଇଛି। ଗ୍ରେଡ୍-ଏ' ଧାନ କୁଇଣ୍ଟାଲ ପିଛା ଏମ୍.ଏସ୍.ପି. ୨ ହଜାର ୪୬୧ ଟଙ୍କା ହେବ ବୋଲି ମନ୍ତ୍ରୀ କହିଛନ୍ତି। ଶଙ୍କର ଜାତୀୟ ଜୋଓ୍ୱାର କୁଇଣ୍ଟାଲ ପିଛା ୪ ହଜାର ୨୩ ଟଙ୍କା, ବାଜରା ୨ ହଜାର ୯୦୦ ଟଙ୍କା ଏବଂ ହରଡ଼ର ଏମ୍.ଏସ୍.ପି.

କୁଇଣ୍ଟାଲ ପିଛା ୮ ହଜାର ୪୫୦ ଟଙ୍କା ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

**V/O- ASHWININ-KHARIF**

୨୦୧୪-୧୫ରୁ ୨୦୨୫-୨୬ ଅବଧି ମଧ୍ୟରେ ୧୪ଟି ଖରିଫ ଫସଲ ପାଇଁ ଚାଷୀମାନଙ୍କୁ ଦିଆଯାଇଥିବା ଏମ.ଏସ୍.ପି. ପରିମାଣ ୧୮ ଦଶମିକ ୯/୯ ଲକ୍ଷ କୋଟି ଥିଲା। ଯାହା ୨୦୦୪-୨୦୦୫ରୁ ୨୦୧୩-୧୪ ସମୟ ମଧ୍ୟରେ ୪ ଦଶମିକ ୭/୫ ଲକ୍ଷ କୋଟି ଟଙ୍କା ରହିଥିଲା।

ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ପ୍ରାୟ ୨୦ ହଜାର ୬୬୭ କୋଟି ଟଙ୍କା ବ୍ୟୟ ଅଟକଳରେ ଅହମ୍ମଦାବାଦ -ଧୋଲେରା ସେମିହାଇସ୍ପିଡ୍ ଡବଲ ଲାଇନ୍ ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ  ଏହି ପ୍ରକଳ୍ପ ଭାରତୀୟ ରେଳବାଇର ପ୍ରଥମ ସେମିହାଇସ୍ପିଡ୍ ପ୍ରକଳ୍ପ ହେବ। ପ୍ରକଳ୍ପ ୨୦୩୦-୩୧ ସୁଦ୍ଧା ସମ୍ପନ୍ନ ହେବ।

କେନ୍ଦ୍ର କ୍ୟାବିନେଟ୍ ସରକାରୀ ଘରୋଇ ସହଭାଗିତା ଅଧୀନରେ ନାଗପୁର ଅନ୍ତର୍ଜାତୀୟ ବିମାନ ବନ୍ଦରର ଉନ୍ନତିକରଣ ଏବଂ ଆଧୁନିକୀକରଣକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସମ୍ବୋଧିତ କରି ସୂଚନା ଓ ପ୍ରସାରଣ ମନ୍ତ୍ରୀ କହିଛନ୍ତି, ଏହା

ନାଗପୁର ବିମାନବନ୍ଦରକୁ ଏକ ଆଞ୍ଚଳିକ ବିମାନ ଚଳାଚଳ କେନ୍ଦ୍ରରେ ପରିଣତ କରିବ। ନାଗପୁରର ଡକ୍ଟର ବାବାସାହେବ ଆମ୍ବେଦକର ଆନ୍ତର୍ଜାତୀୟ ବିମାନ ବନ୍ଦରକୁ ବିଶ୍ୱସ୍ତରୀୟ ବିମାନ ବନ୍ଦରରେ ପରିଣତ କରାଯିବ। ପ୍ରକଳ୍ପ ଅନ୍ତର୍ଗତ ପର୍ଯ୍ୟାୟକ୍ରମେ ବାର୍ଷିକ ୩୦ ନିୟୁତ ଯାତ୍ରୀ ପରିଚାଳନା ଓ ମାଲ ପରିବହନ କ୍ଷମତା ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି।

ଭୂପୃଷ୍ଠ କୋଇଲା ଏବଂ ଲିଗ୍‌ନାଇଟ୍ ଗ୍ୟାସିଫିକେସନ୍ ପ୍ରକଳ୍ପକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟ ନେଇ କେନ୍ଦ୍ର କ୍ୟାବିନେଟ୍ ୩୭ ହଜାର ୫୦୦ କୋଟି ଟଙ୍କାର ଏକ ଯୋଜନାକୁ ଅନୁମୋଦନ କରିଛନ୍ତି। ଯୋଜନା ଅନ୍ତର୍ଗତ ପ୍ରାୟ ୭୫ ନିୟୁତ ଟନ୍ କୋଇଲା ଏବଂ ଲିଗ୍‌ନାଇଟ୍ ଗ୍ୟାସିଫିକେସନ୍ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୩ ଲକ୍ଷ କୋଟି ଟଙ୍କା ନିବେଶ ହେବାର ଆଶା କରାଯାଉଛି।

# ପିଏମ୍ କ୍ୟାବିନେଟ୍ ଡିସିସନ୍

କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ– ଏମ୍.ଏସ୍.ପି. ବୃଦ୍ଧିକୁ ଅନୁମୋଦନ କରିବାର ନିଷ୍ପତ୍ତି ଦେଶର କୋଟି କୋଟି ଖାଦ୍ୟ ଯୋଗାଣକାରୀଙ୍କୁ ସେମାନଙ୍କ ଉତ୍ପାଦର ଉଚିତ ଏବଂ ଲାଭଦାୟକ ମୂଲ୍ୟ ପାଇବା ସୁନିଶ୍ଚିତ କରିବ ବୋଲି ପ୍ରଧାନମନ୍ତ୍ରୀ

କହିଛନ୍ତି । ଏହି ନିଷ୍ପତ୍ତି ଦେଶର କୃଷକମାନଙ୍କ ଜୀବନରେ ଅଧିକ ସମୃଦ୍ଧି ଆଣିବ ବୋଲି ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ।

## ସିବିଆଇ- ନିଟ୍ ଆରେଷ୍ଟ

ନିଟ୍ ୟୁଜି-୨୦୨୬ ପ୍ରବେଶିକା ପରୀକ୍ଷାରେ ଅନିୟମିତା ଏବଂ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ– ସି.ବି.ଆଇ. ୫ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଛି । ଅଭିଯୁକ୍ତମାନଙ୍କ ମଧ୍ୟରେ ଜୟପୁରର ୩ ଜଣ, ଗୁରୁଗ୍ରାମର ଜଣେ ଏବଂ ନାସିକର ଜଣେ ଥିବା ବେଳେ ଅନେକ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପଚରା ଉଚରା କରାଯାଉଛି । ଦେଶର ବିଭିନ୍ନ ସ୍ଥାନରେ ସି.ବି.ଆଇ. ପକ୍ଷରୁ ତଲାସୀ ଜାରି ରହିଛି । ତଲାସୀ ଏବଂ ଗିରଫଦାରୀ ସମୟରେ ମୋବାଇଲ୍ ଫୋନ୍ ସମେତ ଅନେକ ସାମଗ୍ରୀ ଏବଂ ଇଲେକ୍ଟ୍ରୋନିକ ଉପକରଣ ଜବତ କରାଯାଇଛି । ସି.ବି.ଆଇ ରାଜସ୍ଥାନର ସ୍ୱତନ୍ତ୍ର ଅପରେସନ୍ ଗ୍ରୁପ୍– ଏସ୍.ଓ.ଜି. ସହ ସମନ୍ୱୟ ରଖି ଏହି ମାମଲାରେ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା ।

## ନିଟ୍ ପେପର ଲିକ୍

ମେଡିକାଲ କଲେଜଗୁଡ଼ିକରେ ସ୍ନାତକ ପାଠ୍ୟକ୍ରମରେ ପ୍ରବେଶ ପାଇଁ ଚଳିତ ମାସ ୩ ତାରିଖରେ ଅନୁଷ୍ଠିତ ନିଟ୍ ୟୁଜି-୨୦୨୬ ପ୍ରବେଶିକା ପରୀକ୍ଷାକୁ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗକ୍ରମେ ଗତକାଲି ବାତିଲ

କରାଯାଇଥିଲା । ସରକାରଙ୍କ ପକ୍ଷରୁ ଅନିୟମିତତାର ବ୍ୟାପକ ତଦନ୍ତ ପାଇଁ ସି.ବି.ଆଇ.କୁ. ଦାୟିତ୍ୱ ଦିଆଯାଇଥିଲା ।

## ପିଏମ୍– ୟୁଏଇ ଆଣ୍ଡ ୟୁରୋପ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଶୁକ୍ରବାର ଦିନ ସଂଯୁକ୍ତ ଆରବ୍ ଏମିରେଟ୍ସ- ୟୁ.ଏ.ଇ., ନେଦରଲାଣ୍ଡ୍ସ, ସ୍ୱିଡେନ୍, ନରୱେ ଏବଂ ଇଟାଲୀକୁ ୬ ଦିନିଆ ଗସ୍ତରେ ଯିବେ । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପଶ୍ଚିମପ୍ରାନ୍ତ ସଚିବ ସି.ବି.ଜର୍ଜ କହିଛନ୍ତି, ପଞ୍ଚରାଷ୍ଟ୍ରୀୟ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଶ୍ରୀ ମୋଦୀ ଶୁକ୍ରବାର ୟୁ.ଏ.ଇ.ରେ ପହଁଞ୍ଚିବେ । ସେଠାରେ ସେ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହ୍ୟାନ୍‌ଙ୍କୁ ଭେଟିବା ସହ ଉଭୟ ନେତାଙ୍କ ମଧ୍ୟରେ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ମତବିନିମୟ ହେବ । ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ସେହିଦିନ ନେଦରଲାଣ୍ଡ୍ସରେ ପହଁଞ୍ଚିବା ସହ ସେଠାକାର ରାଜା ୱିଲେମ୍ ଆଲେକଜାଣ୍ଡର ଏବଂ ରାଣୀ ମାକ୍ସିମାଙ୍କୁ ଭେଟିବା ସହ ପ୍ରଧାନମନ୍ତ୍ରୀ ରବ୍ ଜେଟେନ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଗସ୍ତର ତୃତୀୟ ପର୍ଯ୍ୟାୟରେ ଶ୍ରୀ ମୋଦୀ ରବିବାର ଦିନ ସ୍ୱିଡେନ୍‌ର ଗୋଥେନ୍‌ବର୍ଗ ଗସ୍ତ କରିବେ । ସ୍ୱିଡିସ୍ ପ୍ରତିପକ୍ଷ ଉଲଫ୍ କ୍ରିଷ୍ଟରସନ୍‌ଙ୍କ ସହ

ଆଲୋଚନା କରି ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗଗୁଡ଼ିକର ସେ ସମୀକ୍ଷା କରିବେ। ଦୁଇ ପ୍ରଧାନମନ୍ତ୍ରୀ ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ ଡେର୍ ଲେଏନ୍ସଙ୍କ ସହ ଏକ ଶିଳ୍ପ ସଂକ୍ରାନ୍ତ ୟୁରୋପୀୟ ଗୋଲଟେବୁଲ ବୈଠକକୁ ସମ୍ବୋଧିତ କରିବେ।

ଗସ୍ତର ଚତୁର୍ଥ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ସୋମବାର ଦିନ ତୃତୀୟ ଭାରତ–ନୋର୍ଡିକ୍ ଶିଖର ସମ୍ମିଳନୀ ଏବଂ ଦ୍ୱିପାକ୍ଷିକ ଆଲୋଚନା ପାଇଁ ନରଓ୍ୱେରେ ପହଁଞ୍ଚିବେ।

ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ମଙ୍ଗଳବାର ଦିନ ଇଟାଲୀ ଗସ୍ତ କରିବେ। ଗସ୍ତ ଅବସରରେ ଶ୍ରୀ ମୋଦୀ ଇଟାଲୀର ରାଷ୍ଟ୍ରପତି ସର୍ଗିଓ ମାଟାରେଲାଙ୍କୁ ଭେଟିବା ସହ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀଙ୍କ ସହ ମଧ୍ୟ ଆଲୋଚନା କରିବେ।

## ଡବ୍ଲ୍ୟୁବି ଗଭ୍– ପ୍ରଡକସନ୍ ରେଷ୍ଟ୍ରିକସନ୍

ପଶ୍ଚିମବଙ୍ଗ ସରକାର ଆଳୁ, ପିଆଜ, ପନିପରିବା, ତୈଳବୀଜ, ଖାଦ୍ୟଶସ୍ୟ, ପଶୁଜାତ ଦ୍ରବ୍ୟ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଉତ୍ପାଦର ଅନ୍ତଃରାଜ୍ୟ ପରିବହନ ଉପରୁ ସମସ୍ତ ପ୍ରତିବନ୍ଧକ ହଟାଇ ଦେଇଛନ୍ତି। ପୂର୍ବରୁ ତୃଣମୂଳ କଂଗ୍ରେସ ସରକାରଙ୍କ ଦ୍ୱାରା ଏହି ସବୁ ଦ୍ରବ୍ୟ ଉପରେ କଟକଣା ଲଗାଯାଇଥିଲା। ଫଳରେ ଆଳୁଚାଷୀ ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକ ବିପୁଳ କ୍ଷତି ସହିଥିବା ଜଣାପଡ଼ିଛି। ଅନ୍ୟ ଏକ

ଘଟଣାକ୍ରମରେ ପଶ୍ଚିମବଙ୍ଗ ସରକାର ଶିକ୍ଷକ ନିଯୁକ୍ତି, ପୌରପାଳିକା ନିଯୁକ୍ତି ଏବଂ ସମବାୟ ସେବା କ୍ଷେତ୍ରରେ ନିଯୁକ୍ତି ଦୁର୍ନୀତି ସହ ଜଡ଼ିତ ମାମଲାଗୁଡ଼ିକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ– ସି.ବି.ଆଇ.କୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇଛି । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବର୍ତ୍ତମାନର ସରକାର ସାଂଗଠନିକ ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରିବେ ।

## ବ୍ରିକ୍ସ ମିଟିଂ– ଏମ୍ଏଫ୍ସ ଆରାଇଭାଲ୍

ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଦୁଇଦିନିଆ ବ୍ରିକ୍ସ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଯୋଗଦେବା ଲାଗି ଇରାନ୍, କାଜାଖ୍ସ୍ତାନ, ନାଇଜେରିଆ ଏବଂ ଉଜ୍ବେକିସ୍ତାନର ବରିଷ୍ଠ ଅଧିକାରୀମାନେ ନୂଆଦିଲ୍ଲୀରେ ପହଁଞ୍ଚିଛନ୍ତି । ସେମାନଙ୍କ ମଧ୍ୟରେ ଇରାନ୍ର ଆଇନଗତ ଏବଂ ଅନ୍ତର୍ଜାତୀୟ ବ୍ୟାପାର ଉପବୈଦେଶିକ ମନ୍ତ୍ରୀ ଡକ୍ଟର କାଜେମ୍ ଘାରିବାବାଦୀ, କାଜାଖସ୍ତାନର ପ୍ରଥମ ଉପ ବୈଦେଶିକ ମନ୍ତ୍ରୀ ୟେରଜାନ୍ ଆସିକବାୟେଭ୍, ନାଇଜେରିଆର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସ୍ଥାୟୀ ସଚିବ ରାଷ୍ଟ୍ରଦୂତ ଡୁନୋମା ଉମର ଅହମ୍ମଦ ଏବଂ ଉଜ୍ବେକିସ୍ତାନର ଉପ ବୈଦେଶିକ ମନ୍ତ୍ରୀ ଆଲୋଏଭ୍ ବାଖରୋମଜନ୍ ଜୋରାବୋଏଭିଚ୍ ଅଛନ୍ତି ।

## ସିବିଏସ୍ଇ ରେଜଲ୍ଟ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ- ସି.ବି.ଏସ୍.ଇ ଆଜି ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳଫଳ ଘୋଷଣା କରିଛି। ଚଳିତ ବର୍ଷ ମୋଟ୍ ପାସ୍ ହାର ୮୫ ଦଶମିକ ୨/୦ ପ୍ରତିଶତ ରହିଛି। ଝିଅଙ୍କ ପାସ୍ ହାର ୮୮ ଦଶମିକ ୮/୬ ପ୍ରତିଶତ ଥିବା ବେଳେ ପୁଅମାନଙ୍କ ପାସ୍ ହାର ୮୨ ଦଶମିକ ୧/୩ ପ୍ରତିଶତ ରହିଛି। ଏକ ବିବୃତିରେ ଚଳିତ ବର୍ଷ ୧୬ ଲକ୍ଷ ୬୮ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ଏବଂ ୧୫ ଲକ୍ଷ ୭ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାସ୍ କରିଛନ୍ତି ବୋଲି ସି.ବି.ଏସ୍.ଇ. ପକ୍ଷରୁ କୁହାଯାଇଛି। ଛାତ୍ରଛାତ୍ରୀମାନେ ସି.ବି.ଏସ୍.ଇ. ୱେବସାଇଟ୍‌ରେ ସେମାନଙ୍କର ଫଳାଫଳ ଦେଖିପାରିବେ।

## ଏୟାର ଇଣ୍ଡିଆ ଫ୍ଲାଇଟ୍‌ସ

ବାୟୁ ସୀମା କଟକଣା ଏବଂ ଜେଟ୍ ଇନ୍ଧନ– ଏ.ଟି.ଏଫ୍ ମୂଲ୍ୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଏୟାର ଇଣ୍ଡିଆ କିଛି ବିଦେଶୀ ରୁଟ୍‌ରେ ଅସ୍ଥାୟୀ ଭାବେ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଏୟାର ଇଣ୍ଡିଆ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଦିଲ୍ଲୀ-ସିକାଗୋ, ମୁମ୍ବାଇ-ନ୍ୟୁୟର୍କ, ଦିଲ୍ଲୀ-ସାଂଘାଇ, ଚେନ୍ନାଇ–ସିଂଗାପୁର ଏବଂ ଅନ୍ୟ ଦୁଇଟି ରୁଟ୍‌ରେ ବିମାନ ସେବା ଅସ୍ଥାୟୀ ଭାବେ ସ୍ଥଗିତ କରାଯିବାକୁ ନିଷ୍ପତ୍ତି ହୋଇଛି।

# ଟ୍ରମ୍ପ-ଚାଇନା ଭିଜିଟ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚଳିତ ସପ୍ତାହରେ ଚୀନ୍ ଗସ୍ତରେ ଯାଉଛନ୍ତି। ତାଙ୍କ ସହ ଅନେକ ଶୀର୍ଷ ବ୍ୟବସାୟୀ ଏବଂ ପ୍ରଯୁକ୍ତିବିଦ୍ୟା ଅଧିକାରୀ ଗସ୍ତ କରିବେ। ଏହା ଦ୍ୱିପାକ୍ଷିକ ସମ୍ପର୍କରେ ଅର୍ଥନୈତିକ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରସଙ୍ଗର ଗୁରୁତ୍ୱକୁ ସ୍ପଷ୍ଟ କରୁଛି। ରାଷ୍ଟ୍ରପତି ଟ୍ରମ୍ପ ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଏକ ଉଚ୍ଚସ୍ତରୀୟ ଦୁଇଦିନିଆ ଶିଖର ସମ୍ମିଳନୀରେ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କୁ ଭେଟିବା ଲାଗି ବେଜିଙ୍ଗ୍ ଗସ୍ତ କରୁଛନ୍ତି।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ କୋଲ୍‌କାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ରାୟପୁରର ସହିଦ୍ ବୀର ନାରାୟଣ ସିଂହ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯିବ। ବର୍ଷା ଯୋଗୁଁ ଟସ୍ ପଡ଼ିବାରେ ବିଳମ୍ବ ହୋଇଛି।